# ଦକ୍ଷିଣ ଓଡ଼ିଶାରେ ବନ୍ଦ ପ୍ରଭାବ


ଜୟପୁର


କୋରାପୁଟ


ସେମିଳିଗୁଡ଼ା


ଗୁଣପୁର


ଟିକିରି


ମୁନିଗୁଡ଼ା


ଡାବୁଗାଁ


ନବରଙ୍ଗପୁର


ମାଲକାନଗିରି


ପାରଳାଖେମୁଣ୍ଡି


କାଲିମେଳା


ଗୁଡ଼ାରୀ

# ଦୋକାନ ବଜାର, ଗାଡ଼ି ଚଳାଚଳ ବନ୍ଦ


କାଶୀନଗର ଷ୍ଟେଟବ୍ୟାଙ୍କ ଛକ।


କାଶୀନଗର ଫରେଷ୍ଟ ଛକ।


ଗୁମ୍ମା


ଗୋଷାଣି


ରାୟଗଡ଼

**ପାରଳାଖେମୁଣ୍ଡି/ଗୁମ୍ମା/ଗୋଷାଣି/ ରାୟଗଡ଼/କାଶୀନଗର, ୧୦।୯ (ସ୍ୱ.ପ୍ର./ଡି.ଏନ.ଏ.)**

ତୈଳଦର ବୃଦ୍ଧି ପ୍ରତିବାଦରେ ସୋମବାର କଂଗ୍ରେସ ପକ୍ଷରୁ ବନ୍ଦ ପାଳନ କରାଯାଇଥିଲା। ଗଜପତି ଜିଲାରେ ଏହା ଶାନ୍ତିପୂର୍ଣ୍ଣ ରହିଥିଲା। ପାରଳାଖେମୁଣ୍ଡି ବିଧାୟକ କେ.ସୂରିୟା ରାଓ, ପୌର ଉପାଧ୍ୟକ୍ଷ ସଞ୍ଜୟ ଅଧିକାରୀ, ବରିଷ୍ଠ ନେତା ତିରୁପତି ପାଣିଗ୍ରାହୀ, ଯୁବ ନେତା କେ.ରାମସ୍ୱାମୀ ପ୍ରମୁଖଙ୍କ ନେତୃତ୍ୱରେ କର୍ମୀମାନେ ବାଇକ ଶୋଭାଯାତ୍ରାରେ ବାହାରି ପାରଳାଖେମୁଣ୍ଡି ସହରର ଫାୟାରଷ୍ଟେଶନ ଛକ, କଲେଜ ଛକ, ବଜାର ଛକ, କୋର୍ଟ ଛକ ଆଦି ସ୍ଥାନରେ ପିକେଟିଂ କରି ବିଭିନ୍ନ କାର୍ଯ୍ୟାଳୟ, ଦୋକାନ ବଜାର, ଗାଡ଼ି ଚଳାଚଳ ବନ୍ଦ କରାଇଥିଲେ। ନଗର କଂଗ୍ରେସ ସଭାପତି ବସନ୍ତ ପଣ୍ଡା, ସଂଗ୍ରାମ ସାହୁ, ବିଭୂତି ନାୟକ, କୃଷ୍ଣ ବେହେରା, ସୁଧିରଞ୍ଜନ ମହାପାତ୍ର, ମନୋଜ ସାହୁ, ସୂର୍ଯ୍ୟନାରାୟଣ ପାତ୍ର, ଜି. ବିଜୟ କୁମାରଙ୍କ ସମେତ ଶତାଧିକ କର୍ମୀ ଆନ୍ଦୋଳନରେ ସାମିଲ ଥିଲେ। ସେହିପରି ମିଳିତ ବାମପନ୍ଥୀ ଦଳ ପକ୍ଷରୁ ଜେନ୍ନା ସୁଭାଷ ଚନ୍ଦ୍ର ରାଓ, ଯତୀନ ମହାନ୍ତି ଦଣ୍ଡପାଣି ରଇତ, ଶ୍ରୀନୁ ବେହେରାଙ୍କ ନେତୃତ୍ୱରେ ଅଫିସ, ଦେକାନ ବଜାର, ଗାଡ଼ି ଚଳାଚଳ ବନ୍ଦ କରାଯାଇଥିଲା। ବସ୍ ଓ ଟ୍ରେନ୍ ଯାତ୍ରୀମାନେ ହଇରାଣ ହୋଇଥିବା ଦେଖିବାକୁ ମିଳିଥିଲା। ଗୁମ୍ମା ବ୍ଲକରେ ଦୁଇଟି ଜୋନର ସଭାପତି କାଲେବ ରଇତ ଓ ଗୁଞ୍ଜୁ ଗମାଙ୍ଗଙ୍କ ନେତୃତ୍ୱରେ ବନ୍ଦ ପାଳନ କରାଯାଇଥିଲା। ବ୍ଲକ ଅଧ୍ୟକ୍ଷ ଗଜେନ୍ଦ୍ର ଗମାଙ୍ଗ, ଉପାଧ୍ୟକ୍ଷା ଗୀତାଞ୍ଜଳି ଭୂୟାଁ, ରାଜ୍ୟ ମହିଳା କଂଗ୍ରେସ ସମ୍ପାଦିକା ପ୍ରେମିକା ମଣ୍ଡଳ, ଜିଲାପରିଷଦ ସଭ୍ୟ ହିମାଂଶୁ କୁମାର ଲିମ୍ମା, ସଭ୍ୟା ପ୍ରେମିକା ରଇତ, ବ୍ଲକ ଉପସଭାପତି ଲଳିତ ମୋହନ ଦଣ୍ଡସେନା, ସୁବନୀୟ ଜେନ୍ନା, ମଣ୍ଟୁ ପାଣି, ରୋହେଲ ପାଣି ପ୍ରମୁଖ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିରୋଧରେ ନାନା ସ୍ଲୋଗାନ ଦେଇ ପିକେଟିଂ କରିଥିଲେ। ଫଳରେ ସମସ୍ତ କାର୍ଯ୍ୟାଳୟ, ଦୋକାନବଜାର, ଗାଡ଼ି ଚଳାଚଳ ବନ୍ଦ ରହିଥିଲା। ଗାଇବା ପଞ୍ଚାୟତରେ କୃଷ୍ଣଚନ୍ଦ୍ର ପାତ୍ରଙ୍କ ନେତୃତ୍ୱରେ ବନ୍ଦ ପାଳନ କରାଯାଇଥିଲା। ନୂଆଗଡ଼ ବ୍ଲକରେ ମଧ୍ୟ ବନ୍ଦ ପ୍ରଭାବ ଦେଖିବାକୁ ମିଳିଥିଲା। ବ୍ଲକ କଂଗ୍ରେସ ସଭାପତି ଜାକୋବ ରଇତଙ୍କ ନେତୃତ୍ୱରେ ବ୍ଲକ ଅଧ୍ୟକ୍ଷ ଗୁଡୁବାଇ ମଣ୍ଡଳ, ସରପଞ୍ଚ ମିନ ମଣ୍ଡଳ, ସମିତି ସଭ୍ୟ ଲକ୍ଷ୍ମୀକାନ୍ତ ବେହେରଦଳାଇ ଓ ଲବିନ ରଇତ ପ୍ରମୁଖ ଆନ୍ଦୋଳନ କରିଥିଲେ। ରାୟଗଡ ବ୍ଲକରେ ବ୍ଲକ କଂଗ୍ରେସ ସଭାପତି ମୃର୍ଶତା ମଣ୍ଡଳଙ୍କ ନେତୃତ୍ୱରେ ଶତାଧିକ କର୍ମୀ କେନ୍ଦ୍ର ସରକାର ବିରୋଧୀ ସ୍ଲୋଗାନ ଦେଇ ବ୍ଲକ କାର୍ଯ୍ୟାଳୟ ଆଗରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏଥିରେ ସମିତିସଭ୍ୟ ମାଫିଏଲ ସ୍ୱାଲସିଂ, ଅରୁଣ ମାଝି, ଜ୍ୟୋତିଲାଲ ସ୍ୱାଲସିଂ, ଜିହବା ଟିଞ୍ଚାଣୀ, ଜିବିସୀୟ ସ୍ୱାଲସିଂ, ପ୍ରଫୁଲ୍ଲ ସ୍ୱାଲସିଂ ପ୍ରମୁଖ ସାମିଲ ଥିଲେ। ରାସ୍ତାରେ ଗୋଟିଏ ବି ଗାଡ଼ି ଗଡ଼ି ନ ଥିଲା। ଦୋକାନବଜାର, ସମସ୍ତ ଅଫିସ ବନ୍ଦ ଥିଲା। ଗୋଷାଣି ଓ ଗାରାବନ୍ଧରେ ପିସିସି ସଭ୍ୟ ଏସ୍. ଗଜପତି ରାଓ, ପି. ନାଗେଶ୍ୱର ରାଓ, ବିଧାୟକ କେ.ସୂରିୟା ରାଓଙ୍କ ନେତୃତ୍ୱରେ ରମ୍ଭା ସରପଞ୍ଚ ଏମ୍. କ୍ରିଷ୍ଣା ରାଓ, ଭୁଶୁକୁଡ଼ି ସମିତି ସଭ୍ୟ ବି.ବାଲାରାଜୁ, ବଡକଟୁରୁ ସରପଞ୍ଚ ତୁଳସୀ ପ୍ରମୁଖ ବ୍ଲକ ଅଫିସ ଆଗରେ ବିକ୍ଷୋଭ କରିବା ସହ ଦୋକାନବଜାର, ବିଭିନ୍ନ କାର୍ଯ୍ୟାଳୟ ଓ ଗାଡ଼ି ଚଳାଚଳ ବନ୍ଦ କରାଇଥିଲେ। ଜିଲା କଂଗ୍ରେସ କାର୍ଯ୍ୟକାରୀ ସଭାପତି ଜି.ତିରୁପତି ରାଓଙ୍କ ନେତୃତ୍ୱରେ କାଶୀନଗର ବ୍ଲକରେ ବନ୍ଦ ପାଳନ କରାଯାଇଥିଲା। କେ.ରାମାରାଓ, ରାମପ୍ରସାଦ ପଟ୍ଟନାୟକ, କେ.ଜୀବରତ୍ନ, ସୁବାସ ପାତ୍ର, ଆର୍.ଭୀମରାଓ ପ୍ରମୁଖ କାଶୀନଗର ଫରେଷ୍ଟ ଛକରେ ରାସ୍ତା ଅବରୋଧ କରିଥିଲେ। ଷ୍ଟେଟବ୍ୟାଙ୍କ ଛକରେ ଅଖିଳ ଭାରତ କିଶାନ ମଜଦୁର ସଭା ପକ୍ଷରୁ ଜିଲା ସମ୍ପାଦକ କେଦାର ଶବର, ସମରା ଶବର, କାଡୁକା ଶବର, ଜୁନେଶ ମେଦି, ରାଧା ଶବର ପ୍ରମୁଖ ବିକ୍ଷୋଭ ପ୍ରଦର୍ଶନ ଓ ରାସ୍ତା ଅବରୋଧ କରିଥିଲେ। ସମସ୍ତ ଦୋକାନବଜାର, ଅଫିସ୍, ଗାଡ଼ି ଚଳାଚଳ ବନ୍ଦ ରହିଥିଲା।

# ସବୁଠି ତେଲ ତାତି: ବନ୍ଦ ପାଳନ ଶାନ୍ତିପୂର୍ଣ୍ଣ

କୋରାପୁଟ/ଅନକାଡେଲି/ନାରାୟଣ ପାଟଣା/କାକିରିଗୁମ୍ମା,୧୦।୯ (ସ୍ୱ.ପ/ଡି.ଏନ୍.ଏ.)–

ତୈଳ ଦର ବୃଦ୍ଧି ପ୍ରତିବାଦରେ କଂଗ୍ରେସର ବନ୍ଦ ପାଳନ କୋରାପୁଟ ଜିଲାରେ ବିଭିନ୍ନ ସ୍ଥାନରେ ସଫଳ ହୋଇଛି। ସବୁଠି ତେଲ ତାତି ଦେଖିବାକୁ ମିଳିଛି। ଅହେତୁକ ତୈଳଦର ବୃଦ୍ଧି ବିରୋଧରେ ନାରାବାଜି ଦେଇ ଆନ୍ଦୋଳନକାରୀମାନେ ବନ୍ଦ ପାଳନ କରିଥିଲେ। ଦୋକାନବଜାର, ଗାଡ଼ିମଟର ଚଳାଚଳ ଏବଂ ବିଭିନ୍ନ କାର୍ଯ୍ୟାଳୟ ବନ୍ଦ ରହିଥିଲେ। ସବୁଠି ବନ୍ଦ ପାଳନ ଶାନ୍ତିପୂର୍ଣ୍ଣ ଥିଲା। କୋରାପୁଟ ଜିଲାର ଡୁମୁରିପୁଟଠାରେ ପୂର୍ବତନ ଜିଲା ପରିଷଦ ସଭ୍ୟ ଜଗଦୀଶ ଖୋସ୍ଲା , ଲମତାପୁଟ ବ୍ଲକର ଅନକାଡେଲିଠାରେ କଂଗ୍ରେସର ଜିଲା ସାଧାରଣ ସଂପାଦକ ପିଏସଏନ ମୂର୍ତ୍ତି,ନାରାୟଣପାଟଣାଠାରେ ବିଧାୟକଙ୍କ ପ୍ରତିନିଧି ଦୟା ପ୍ରଧାନୀ , ବ୍ଲକ ସଭାପତି ଦିବାକର ତୁରୁକ ପ୍ରମୁଖ ବନ୍ଦ ପାଳନରେ ସାମିଲ ଥିଲେ।

**ଜୟପୁର, (ନି.ପ୍ର./ଡି.ଏନ୍.ଏ.):** ସେହିପରି କଂଗ୍ରେସ ଜିଲା ସଭାନେତ୍ରୀ ମିନାକ୍ଷୀ ବାହିନୀପତିଙ୍କ ଆହ୍ୱାନରେ କୋରାପୁଟ ଜିଲାରେ ବନ୍ଦ ପାଳନ ହୋଇଥିଲା । ଏଥିରେ ନିହାର ବିଷୋଇ, ନରିମହାନ୍ତି, ବୁଲୁସାହୁ, ଗଙ୍ଗା ସାହୁ, ହସନ ମଦାନି, ବସନ୍ତ ନାୟକ, ସୁକାନ୍ତ ପଟ୍ଟନାୟକ, ରାମ ନାୟକ , ସୁଧିର ପାଢ଼ୀ ପ୍ରମୁଖ ସାମିଲ ଥିଲେ। ଏହାକୁ ସମର୍ଥନ ଜଣାଇ ସିପିଆଇ ତରଫରୁ ଶୋଭାଯାତ୍ରା କରାଯାଇଥିଲା । ଏହି ଶୋଭାଯାତ୍ରାରେ ଜିଲା ସମ୍ପାଦକ ଯୁଧିଷ୍ଠିର ରାଉଳ, ପ୍ରମୋଦ ମହାନ୍ତି, ରାମ କୃଷ୍ଣ ଦାସ,ନିତ୍ୟାନନ୍ଦ ସାହୁ, ହରି ପାଙ୍ଗି, ନନ୍ଦ ହରିଜନ ପ୍ରମୁଖ ଥିଲେ।



ବିକ୍ଷୋଭ ପ୍ରଦର୍ଶନରେ କଂଗ୍ରେସ ଓ ଅନ୍ୟ ଦଳର କର୍ମୀମାନେ ।

**ଦଶମନ୍ତପୁର, (ଡି.ଏନ୍.ଏ.):** ତୈଳଦର ବୃଦ୍ଧିକୁ ବିରୋଧ କରି ଦଶମନ୍ତପୁର ବ୍ଲକର ବିଭିନ୍ନ ସ୍ଥାନରେ କଂଗ୍ରେସ ପକ୍ଷରୁ ବନ୍ଦ ପାଳିତ ହୋଇଛି। ଏଥିରେ ବ୍ଲକ୍ ସଭାପତି ବେଣୁଧର ପାତ୍ର, ସମ୍ପାଦକ ମୋହନ ପାତ୍ର ହିଆଲ, ପୋଡ଼ାଗୋଡ଼ ପଞ୍ଚାୟତର ଲୋଚନ ବିଷୋଇ, କିରନ୍ ତୁରୁକ, ଲକ୍ଷ୍ମଣ ବିଷୋଇ ପ୍ରମୁଖ ଯୋଗଦେଇଥିଲେ।

**ସେମିଳିଗୁଡ଼ା,(ସ୍ୱ.ପ୍ର.):** ଅହେତୁକ ତୈଳଦର ବୃଦ୍ଧିକୁ ବିରୋଧ କରି ସୁନାବେଡ଼ା ପୌରପରିଷଦ ଏବଂ ସେମିଳିଗୁଡ଼ା ବ୍ଲକର ବିଭିନ୍ନ ସ୍ଥାନରେ କଂଗ୍ରେସ ପକ୍ଷରୁ ବନ୍ଦ ପାଳିତ ହୋଇଛି। ବନ୍ଦ ପାଳନରେ ପୂର୍ବତନ ପଟ୍ଟାଙ୍ଗୀ ବିଧାୟକ ରାମଚନ୍ଦ୍ର କାଡ଼ାମ, ବ୍ଲକ୍ ସଭାପତି ଜଗତରାୟ ଖିମ୍ବୁଡି, ସନିଆ ମାଝୀ, ରାଜେନ୍ଦ୍ର ପାଙ୍ଗୀ, ଦାସି ନନ୍ଦିବାଲୀ, ଜଗଦୀଶ ବାଘ, ପୀତାମ୍ବର କିର୍ସାନୀ, କୁମ୍ଭୁଲୁ ଧଡ଼ୁକା, ମହେଶ୍ୱର ଖିଲ, ଜୟସେନ୍ ଖିଲ, ଉପେନ୍ଦ୍ର କନ୍ଧପାନ, ଲାଲଚନ୍ଦ୍ର ବେନିଆ, ଯୋଶେଫ୍ ହନ୍ତାଳ ପ୍ରମୁଖ ସାମିଲ ଥିଲେ।

**ନନ୍ଦପୁର,(ଡି.ଏନ୍.ଏ.):** ତୈଳଦର ବୃଦ୍ଧି ପ୍ରତିବାଦରେ ନନ୍ଦପୁର ବ୍ଲକର ବିଭିନ୍ନ ସ୍ଥାନର କଂଗ୍ରେସ ପକ୍ଷରୁ ବନ୍ଦ ପାଳନ ଅନୁଷ୍ଠିତ ହୋଇଯାଇଛି। ଏଥିରେ କଂଗ୍ରେସ ନେତା ସୀମାଞ୍ଚଳ ବେହେରା, କାମେଶ କମ୍ପୁଦି, ଶଶିଧର ନାୟର, ସୀମାଞ୍ଚଳ ନାୟକ, ଅନ୍ତର୍ଯ୍ୟାମୀ ଗୁପ୍ତ, ପର୍ଶୁରାମ ବୁରୁଜ, ଲକ୍ତିଗୁଡ଼ା ଜାଫାନା ପ୍ରମୁଖ ସାମିଲ ଥିଲେ।

**ଚାନ୍ଦିଲି/କୋଟପାଡ଼,(ଡି.ଏନ୍.ଏ.):** ଅହେତୁକ ତୈଳଦର ବୃଦ୍ଧି ପ୍ରତିବାଦରେ କୋଟପାଡ଼ କଂଗ୍ରେସ ପକ୍ଷରୁ ବିଭିନ୍ନ ସ୍ଥାନର ବନ୍ଦ ପାଳନ କରାଯାଇଥିଲା । ଅନୁଷ୍ଠିତ ବନ୍ଦ ପାଳନରେ କୋଟପାଡ଼ କଂଗ୍ରେସ ସଭାପତି ମନୋହର ବିଷୋଇ, ଜିତେନ୍ଦ୍ର ନାଥ ମହାପାତ୍ର, ତପନ ମହାପାତ୍ର, ସାଧାରଣ ସମ୍ପାଦକ ମଣିପ୍ରସାଦ ପଟ୍ଟନାୟକ, ରାଜେନ୍ଦ୍ର ନାୟକ, ଏମ୍ଡ଼ି ସାଲିମ୍, ବ୍ଲକ୍ ଅଧ୍ୟକ୍ଷ ବୈଦ୍ୟନାଥ ପୂଜାରୀ, ଏନ୍ଏସି ଉପାଧ୍ୟକ୍ଷ ବାପୁନ ତ୍ରିପାଠୀ, ଯୁବ କଂଗ୍ରେସ ସଭାପତି ମୁନା ଖାନ୍, ପୂର୍ବତନ ନଗରପାଳ ଏମ୍ ଶଙ୍କର ରାଓ, ସନ୍ତୋଷଂ ମିଶ୍ର ପ୍ରମୁଖ ଯୋଗଦେଇ କେନ୍ଦ୍ର ସରକାରଙ୍କୁ କଡ଼ା ସମାଲୋଚନା କରିଥିଲେ।

**ସୁନାବେଡ଼ା,(ଡି.ଏନ୍.ଏ.):** ତୈଳଦର ବୃଦ୍ଧିକୁ ବିରୋଧ କରି ସୁନାବେଡ଼ାସ୍ଥିତ ପୌରପରିଷଦ କାର୍ଯ୍ୟାଳୟ ସମେତ ଏନ୍ଏସି ଛକଠାରେ କଂଗ୍ରେସ କର୍ମୀମାନେ ପିକେଟିଂ କରି ବନ୍ଦ ପାଳନ କରିଥିଲେ। ବନ୍ଦ ପାଳନ ଶାନ୍ତିପୂର୍ଣ୍ଣ ଥିଲା। ସ୍ଥାନୀୟ ଅଞ୍ଚଳର ଏନ୍ଏସି ମାର୍କେଟ, ଏ.ଇଏଫ୍ ମାର୍କେଟ, ଜଗନ୍ନାଥ ମାର୍କେଟ ଏବଂ ସେଣ୍ଟ୍ରାଲ ମାର୍କେଟରେ ୩ଟା ପର୍ଯ୍ୟନ୍ତ ବନ୍ଦ ପାଳନ ଜାରି ରହିଥିଲା। ଏଥିରେ ସ୍ଥାନୀୟ କଂଗ୍ରେସର କର୍ମୀମାନେ ଯୋଗଦେଇଥିଲେ। କରିଥିଲେ।

**ଲମତାପୁଟ,(ଡି.ଏନ୍.ଏ.):** ଲମତାପୁଟ ବ୍ଲକ୍‌ରେ ଭାରତ ବନ୍ଦ ପାଳନ ସଫଳ ହୋଇଛି। ଏଥିରେ ଲମତାପୁଟ ବ୍ଲକ୍ କଂଗ୍ରେସ ଯୁବ ସଭାପତି ଲବକୁଶ ଖେମୁଣ୍ଡୁ,ଜୋନ–୧ ସଭାପତି କୃପା ମୁଦୁଲି,ଜୋନ– ୨ ସଭାପତି ନିନି ଗୁରୁ ଖରା ପ୍ରମୁଖ ଉପସ୍ଥିତ ଥିଲେ।

**ଲକ୍ଷ୍ମୀପୁର:** କଂଗ୍ରେସ ପକ୍ଷରୁ ଲକ୍ଷ୍ମୀପୁର ବ୍ଲକ୍ କାକିରିଗୁମ୍ମାଠାରେ ତୈଳଦର ବୃଦ୍ଧି ପ୍ରତିବାଦରେ ବନ୍ଦ ପାଳନ ହୋଇଛି। ଏଥିରେ ବ୍ଲକ୍ କଂଗ୍ରେସ ଜୋନ୍–୧ ସଭାପତି ଜିତେନ୍ଦ୍ର ବିଷୋଇ, ବାଲ୍ୟକୃଷ୍ଣ ନାୟକ, ଭୁରିଶ୍ରବା ସାହୁ, ଧ୍ରୁବ ଚରଣ ବିଷୋଇ, ସଞ୍ଜୟ କନ୍ଧପାନ, ବାଜିରାଉତ ଖରା, ବିଜୟ ବିଶୋଷ ପ୍ରମୁଖ ଉପସ୍ଥିତ ଥିଲେ।

**ବୈପାରୀଗୁଡା,(ଡି.ଏନ୍.ଏ):** ପେଟ୍ରୋଲ, ଡିଜେଲ୍ ଦର ବୃଦ୍ଧି ପ୍ରତିବାଦରେ ସର୍ବଭାରତୀୟ ସ୍ତରରେ ବନ୍ଦ ପାଳନକୁ ସମର୍ଥନ କରି ବୈପାରୀଗୁଡାଠାରେ ବିଭିନ୍ନ ସଂଗଠନ ପକ୍ଷରୁ ବନ୍ଦ ପାଳନ ହୋଇଥିଲା । କଂଗ୍ରେସ ପକ୍ଷରୁ ବ୍ଲକ ସଭାପତି ଗୌର ଚନ୍ଦ୍ର ପାତ୍ର, ଧନେଶ୍ୱର ମାଝି, ଗୋପାଳ ନାୟକ ,ସତ୍ୟନାରାୟଣ ମହାନ୍ତି ,ମହେନ୍ଦ୍ର ନାୟକ ,ଜଗା ବିଷୋଇ, ଲୋକନାଥ ଖରା , ଏସ୍.ୟୁ.ସି.ଆଇ ଓ କମ୍ୟୁନିଷ୍ଟ ପାର୍ଟି ପକ୍ଷରୁ କୋରାପୁଟ ଜିଲା ସାଙ୍ଗଠନିକ କମିଟି ସଂପାଦକ କମ୍ରେଡ କାହ୍ନୁ ବିଶ୍ୱାଳଙ୍କ , ବୈପାରୀଗୁଡା ଜୋନ୍–୧ ର ସମ୍ପାଦକ ସୂର୍ଯ୍ୟ ନାରାୟଣ ବିଷୋୟୀ ,ଜୋନ ୨ ସମ୍ପାଦକ ରାମ ବାରିକ ,ଧନସାଇ ବାରିକ ,ଲକ୍ଷ୍ମୀ ବାରିକ ,ବାସନ୍ତି ଖରା ,ପ୍ରମିଳା ପୂଜାରୀ ,ରୁକ୍ମଣୀ ବାରିକ , ସିପିଆଇ ସମ୍ପାଦକ ବଳରାମ ନାୟକ ପ୍ରମୁଖ ଯୋଗ ଦେଇ ଥିଲେ।

**ପଟ୍ଟାଙ୍ଗି,(ଡି.ଏନ.ଏ):** ସେହିପରି ପଟ୍ଟାଙ୍ଗି ବ୍ଲକର ବିଭିନ୍ନ ସ୍ଥାନରେ ତୈଳଦର ବୃଦ୍ଧି ପ୍ରତିବାଦରେ ବନ୍ଦ ପାଳନ କରାଯାଇଥିଲା। ଜୋନ–୧ ସଭାପତି ନୃସିଂହ ନାଥ ବେହେରା , ପୂର୍ବତନ ବିଧାଇକା ଚନ୍ଦ୍ରମା ସାନ୍ତା , ଜିଲା କଂଗ୍ରେସ ସଦସ୍ୟ ଅର୍ଜୁନ ବାଙ୍କା , ପ୍ରଭାକର ସାହୁ , ଘେନୁ ନାରାଜି , ଜଗତରାଏ ଖରା , ଗେମେଲ କତାନା ,ପୁକାଲି ପଞ୍ଚାୟତ ପୂର୍ବତନ ସରପଞ୍ଚ ତ୍ରିପତି ସାରା, ଗାଙ୍ଗରାଜପୁର ପଞ୍ଚାୟତ ସଭାପତି ରାଜେନ୍ଦ୍ର କୁଲଦୀପ, ଜିଲା କାର୍ଯ୍ୟକାରୀ ସଭାପତି ରାମଚନ୍ଦ୍ର କାଡାମ, ସୁଙ୍କି ପଞ୍ଚାୟତ ସଦର ମହକୁମାରେ ଜୋନ–୨ ସଭାପତି ଶୁକ୍ରା ଖରା , ଯୁବ କଂଗ୍ରେସ ସଭାପତି ଗୁପ୍ତଶଙ୍କର ପଟ୍ଟନାୟକ, ସିମାଦ୍ରୀ ଜାନି , ଏସ ଚନ୍ଦ୍ର ଶେଖର , ଆଦିବାସୀ ସେଲ ସଭାପତି ଗୋବିନ୍ଦ ଖରା , ପୂର୍ବତନ ସରପଞ୍ଚ ତ୍ରିନାଥ ପାଙ୍ଗି , ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷା ବିମଳା ପାଙ୍ଗି , ଜଲା ପରିଷଦ ସଭ୍ୟା ସଙ୍ଗିତା ଗାଣ୍ଡେରି , ସାମ ସୁନ୍ଦର ମହାନ୍ତି , ପ୍ରଶାଦ ପଟ୍ଟନାୟକ , ହରି ଗାଣ୍ଡେରି , ଆଗତାନ ନାରାୟଣ , କୁରୁଡି ସନ୍ୟାସୀ ପ୍ରମୁଖ ଅଂଶଗ୍ରହଣ କରି ବନ୍ଦ ପାଳନକୁ ସହଯୋଗ କରିଥିଲେ।

**ଦାମନଯୋଡି (ଡି.ଏନ୍.ଏ)–** ସେହିପରି ଭାରତ ବନ୍ଦ ପାଳନ ଦାମନଯୋଡିରେ ସଫଳ ହୋଇଛି । କଂଗ୍ରେସ କର୍ମକର୍ତ୍ତା ପ୍ରୀତମ ପାଢି, ରମେଶ କୁମାର ବାଘ, ମିହିର କୁଳଦୀପ, ଜର୍ଜ ଗୁଡୁ, ରିଙ୍କୁ ଖରା, କିଶୋର ଟେଙ୍ଗୀ, ସୁଧା ବାଘ, ଭାସ୍କର ପାଣି ପ୍ରମୁଖ ବନ୍ଦ ପାଳନର ନେତୃତ୍ୱ ନେଇଥିଲେ।

**କୁନ୍ଦୁରା,(ଡି.ଏନ୍.ଏ.)–** ସେହିପରି କୁନ୍ଦୁରା ବ୍ଲକ କଂଗ୍ରେସ ସଭାପତି ତ୍ରିପତି ଗୁରୁଙ୍କ ନେତୃତ୍ୱରେ ବନ୍ଦ ପାଳନ ଅନୁଷ୍ଠିତ ହୋଇଥିଲା। ଏଥିରେ ଦୈତାରୀ ମଲ୍ଲିକ, ସୁବାସ ସେନାପତି, ସୁବାସ ମଲ୍ଲିକ, ଅମରନାଥ ଭଟ୍ଟ, ଗୁପ୍ତ ହରିଜନ, କୃଷ୍ଣ ଦାସ, ବୁଲୁ ସାହୁ, ବାବୁନି କଳାପାହାଡ, ରାଜା ଭଟ୍ଟ, ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ, ତିଳ ହରିଜନ ପ୍ରମୁଖ ବନ୍ଦ ପାଳନରେ ସହଯୋଗ କରିଥିଲେ।


ଲକ୍ଷ୍ମୀପୁରରେ ଭାରତ ବନ୍ଦ ପାଳନ ।


ଲମତାପୁଟରେ ତୈଳଦର ବୃଦ୍ଧି ପ୍ରତିବାଦରେ କଂଗ୍ରେସ କର୍ମୀ ।


ଦଶମନ୍ତପୁରରେ ଟାୟାର ଜାଳି ତୈଳଦର ବୃଦ୍ଧି ପ୍ରତିବାଦ କରାଯାଉଛି ।

## ସଂକ୍ଷେପରେ

### ପୋଲିସ ଦୁର୍ବ୍ୟବହାର ଘଟଣାର ପ୍ରତିବାଦ ଓକିଲଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

ଜୟପୁର ୧୦।୯ (ନି.ପ୍ର ): ଆଇନଜୀବୀ ଦେବୀ ପ୍ରସାଦ ପଟ୍ଟନାୟକଙ୍କୁ କଟକ ଚାଉଳିଆଗଞ୍ଜ ପୋଲିସର ଦୁର୍ବ୍ୟବହାର ପ୍ରତିବାଦରେ ଜିଲା ଓକିଲ ସଂଘ ଜୟପୁର ଆଇନଜୀବୀ ସୋମବାରଠାରୁ ୩ ଦିନ ଧରି କାର୍ଯ୍ୟବନ୍ଦ ଆନ୍ଦୋଳନ ଆରମ୍ଭ ହୋଇଛି । ଏହି ଘଟଣାକୁ ନେଇ କୋର୍ଟ ପରିସରରେ ଓକିଲ ସଂଘ ତରଫରୁ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା । ସେହିପରି ହାଇକୋର୍ଟ ବାର୍ ଆସୋସିଏସନ ତରଫରୁ ରାଜ୍ୟର ବାର ଆସୋସିଏସନ କର୍ମଚାରୀଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ କାର୍ଯ୍ୟବନ୍ଦ ଆନ୍ଦୋଳନ ପାଇଁ ନିଷ୍ପତ୍ତି ନିଆଯାଇଥିଲା । ସଂଘ ସଭାପତି ବିରେଶ ପଟ୍ଟନାୟକ ,ପ୍ରଭାକର ପଟ୍ଟନାୟକ , ରମା ନାଥ ମିଶ୍ର, ଶଶି ପଟ୍ଟନାୟକ, ରବି ପାତ୍ର, ହରିସ ମୁଦୁଲି, ଗିରି ଧର ଖରା, ଆନନ୍ଦ ରଥ, ରମେଶ ପାତ୍ର , ଦିବାକାର ରାଓ ସମେତ ବହୁ ଆଇନଜୀବୀ ଉପସ୍ଥିତ ରହି ଘଟଣାକୁ ନିନ୍ଦା କରିବା ସହ ଅଭିଯୁକ୍ତ ପୋଲିସକୁ ଗିରଫ କରା ନ ଗଲେ ଆଗାମି ଦିନରେ ଆନ୍ଦୋଳନ ଜୋରଦାର ହେବ ବୋଲି ଚେତାବନୀ ଦିଆଯାଇଛି ।

### ୧୯୬୫ ଯୁଦ୍ଧର ଶହୀଦ ଯିଶୁଦାନ ଖୋସ୍ଲାଙ୍କ ଶ୍ରାଦ୍ଧ ଦିବସ

କୋରାପୁଟ,୧୦/୯(ସ୍ୱ.ପ୍ର)- କୋରାପୁଟ ମିଶନ କମ୍ପାଉଣ୍ଡର ସଭାଗୃହରେ ୧୯୬୫ ଭାରତ-ପାକିସ୍ତାନ ଯୁଦ୍ଧର ଶହୀଦ ଯିଶୁଦାନ ଖୋସ୍ଲାଙ୍କ ୫୨ ତମ ଶ୍ରାଦ୍ଧବାର୍ଷିକୀ ପାଳିତ ହୋଇଯାଇଛି । ରାଜ୍ୟ ଅନୁସୁଚିତ ଜାତି ଓ ଜନଜାତି ମନ୍ତ୍ରୀ ରମେଶ ଚନ୍ଦ୍ର ମାଝି ମୁଖ୍ୟ ଅତିଥିଭାବେ ଯୋଗଦେଇ ଭାରତ- ପାକିସ୍ତାନ ଯୁଦ୍ଧରେ ଶହୀଦ ଖୋସ୍ଲାଙ୍କ ଜୀବନୀ ଯୁବ ସମାଜଙ୍କ ପାଇଁ ଏକ ପ୍ରେରଣା ବୋଲି ପ୍ରକାଶ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଜିଲାପାଳ ଗଦାଧର ପରିଡା , ପୌର ଅଧକ୍ଷ ଭଗବାନ ବାହିନୀପତି, ଜିଲା ସଂସ୍କୃତି ଅଧିକାରୀ ଅକ୍ଷୟ କୁମାର ସେଠି , ବ୍ଲକ ଅଧକ୍ଷା ନମିତା ମାଝି, ବାବୁଲା ବେନିଆ , ବିରଞ୍ଚି କୁମାର ଖୋସ୍ଲା, ବ୍ରଜାନନ୍ଦ ଖୋସ୍ଲା ପ୍ରମୁଖ ଉପସ୍ଥିତ ରହି ଶହୀଦଙ୍କ ସ୍ମୃତିଚାରଣ କରିଥିଲେ । ଏହି ଅବସରରେ ଶହୀଦଙ୍କ ଏକ ପ୍ରତିମୂର୍ତ୍ତି ନିର୍ମାଣ ପାଇଁ ପ୍ରଶାସନକୁ ତାଙ୍କ ଭାଇ ଅନୁରୋଧ କରିଥିଲେ ।

### ୨୨ ଅଭିଯୋଗ ଶୁଣିଲେ ଜିଲାପାଳ

କୋରାପୁଟ/ନାରାୟଣପାଟଣା,୧୦।୯(ସ୍ୱ.ପ୍ର/ଡି.ଏନ.ଏ.)- କୋରାପୁଟ ଜିଲାପାଳ ନାରାୟଣପାଟଣା ଗସ୍ତକରି ସେଠାରେ ୨୨ଟି ଅଭିଯୋଗର ଶୁଣାଣୀ କରିଛନ୍ତି । ଜିଲାପାଳ କେ ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଅଭିଯୋଗ ଶୁଣାଣୀରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଦେବେନ ପ୍ରଧାନଙ୍କ ସମେତ ବିଡିଓ ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ରହି ଏହି ଅଭିଯୋଗର ଶୁଣାଣି କରିଥିଲେ। ବିଶେଷ କରି ଲକ୍ଷ୍ମୀପୁରଠାରୁ ନାରାୟଣପାଟଣା ରାସ୍ତାର ମରାମତି ତୁରନ୍ତ କରିବା, ସ୍କୁଲକୁ ଶିକ୍ଷକ ଯାଉ ନଥିବା, ଚେକ ଡ୍ୟାମ ମରାମତି, ରାସ୍ତାର ଦୁରାବସ୍ଥା ଆଦି ଉପରେ ଶୁଣାଣି କରିଥିଲେ । ଯେଉଁ ସ୍କୁଲରେ ଶିକ୍ଷକ ନିୟମିତ ସ୍କୁଲ ଯାଉନାହାନ୍ତି , ସେହି ସ୍କୁଲର ଶିକ୍ଷୟିତ୍ରୀ ଏବଂ ଶିକ୍ଷକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ରହିଛି।

■ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

# ଯୋଗ ଦେଲେ ଶତାଧିକ

କୁନ୍ଦୁରା,୧୦।୯(ଡି.ଏନ.ଏ.)–

କୋରାପୁଟ ଜିଲା କୁନ୍ଦୁରା ବ୍ଲକ କାର୍ଯ୍ୟାଳୟଠାରେ ସୋମବାର ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଗୋଷ୍ଠୀ ଉନ୍ନୟନ ଧିକାରୀ ଶ୍ୱେତାସ୍ନିଗ୍ଧା ପ୍ରଧାନଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି । କେନ୍ଦ୍ର ସରକାରଙ୍କ ବିରୋଧରେ ପେଟ୍ରୋଲ ଦର ପ୍ରତିବାଦରେ ଭାରତ ବନ୍ଦ ରହିଥିବା ସତ୍ତ୍ୱେ ମଧ୍ୟ ଚଳିତବର୍ଷ ଅଧିକ ସଂଖ୍ୟାରେ ଭିନ୍ନକ୍ଷମ ବ୍ୟକ୍ତି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । କୁନ୍ଦୁରା ବ୍ଲକ ବାଣ୍ଡୁଆଗୁଡା ଗ୍ରାମପଞ୍ଚାୟତ ଭାଟିଗୁଡା ଗାଁରୁ ମମତା ପ୍ରଧାନୀ ବିଧବା ଭତ୍ତା କରିବା ପାଇଁ ଏଠାକୁ ଆସିଥିଲେ । କିନ୍ତୁ ପ୍ରଶାସନ କିମ୍ବା ଡାକ୍ତରଙ୍କ ତରଫରୁ କିଛି ସହଯୋଗ ନ ମିଳିବା ଯୋଗୁ ଦୁଇ ଝିଅଙ୍କୁ ଧରି ସେ ନିରାଶ ହୋଇ ଫେରିଛନ୍ତି । ଦୁଇବର୍ଷ ହେଲା ମମତାଙ୍କ ସ୍ୱାମୀ ଉମା ଚରଣଙ୍କ ମୃତ୍ୟୁ ଘଟିଛି। ପକ୍ଷାଘାତରେ ଆକ୍ରାନ୍ତ ହୋଇ ଦୁଇ ଝିଅ। ଭଙ୍ଗାକୁଡିଆରେ କାଳାତିପାତ କରୁଛନ୍ତି । ଦୁଇଟି ଯାକ ଗୋଡ ଅଚଳ ରହିଥିବା ଯୋଗୁ ଚାଲି ବୁଲିପାରୁନାହାନ୍ତି । ଅନ୍ୟପଟେ ଦୁଇଟି ଝିଅ ନୀତୁ ପ୍ରଧାନୀ ଯୁକ୍ତ ୩ ଏବଂ ଶ୍ୱେତା ପ୍ରଧାନୀ ଯୁକ୍ତ୨ ବିଜୁ ପଟ୍ଟନାୟକ ମହାବିଦ୍ୟାଳୟରେ କଷ୍ଟେମଷ୍ଟେ ଅଧ୍ୟୟନ କରୁଛନ୍ତି । ସେହିଭଳି ଏକ ପରିବାର ଆଜି ମଧ୍ୟ ଚିହ୍ନଟ କରିପାରିଲା ନି ବ୍ଲକ ପ୍ରଶାସନ । କୋରାପୁଟ ଜିଲାର କୋରାପୁଟ ଏବଂ ଜୟପୁର ଚିକିତ୍ସାଳୟର ବିଶେଷଜ୍ଞମାନେ ଯୋଗଦେଇ ଚିହ୍ନଟ କରିଥିଲେ । ଏହି କାର୍ଯ୍ୟକ୍ରମରେ ଭିନ୍ନକ୍ଷମ ଋଣ ନିମନ୍ତେ ୫୪, ଭିନ୍ନକ୍ଷମ ଆୟ ପ୍ରମାଣପତ୍ର–୬୨, ଭିନ୍ନକ୍ଷମ ଭତ୍ତା–୩୬, ବାଣୀଶ୍ରୀ–୧୯, ଭିନ୍ନକ୍ଷମ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ନିମନ୍ତେ ୩୮, ଭିନ୍ନକ୍ଷମ ବ୍ରେନ ପାସ ୨୭ ଏବଂ ଭିନ୍ନକ୍ଷମ ମିଶନ କ୍ଷମତା ନିମନ୍ତେ–୨୦ଜଣ ଚିହ୍ନଟ ହୋଇପାରିଛନ୍ତି । ମୋଟ ୪୦୭ ବ୍ୟକ୍ତି ପଞ୍ଜିକୃତ କରିଥିଲେ କିନ୍ତୁ ୨୫୬ ସରକାରୀ ଭାବେ ଚିହ୍ନଟ କରାଯାଇଛି । ଏଠାରେ ଅଧକ୍ଷ ସୁରେନ୍ଦ୍ର ପରଜା ଡିଏସଏସଓ ସୀମାଞ୍ଚଳ ମହାପାତ୍ର, ବିଏସଏସଓ ସୁମିତ୍ରା ଖରା, ବିଡିଓ ମାଧୁରୀ ଆଚାର୍ଯ୍ୟ, ସାମାଜିକ ସଂଯୋଜକ ବସନ୍ତ ଭୋଳ, ଉପାଧ୍ୟକ୍ଷା ପଦ୍ମା ହରିଜନଙ୍କ ସମେତ ବିଜୁ ପଟ୍ଟନାୟକ ମହାବିଦ୍ୟାଳୟର ଏନଏସଏସ ଛାତ୍ରୀଛାତ୍ର ସହଯୋଗ କରିଥିଲେ ।


ଜଣେ ଦିବ୍ୟାଙ୍ଗଙ୍କୁ ପରୀକ୍ଷା କରାଯାଉଛି ।

# ବିଶୁଦ୍ଧ ପାନୀୟଜଳ ନା ଜହର

କୋଟପାଡ,୧୦।୯(ଡି.ଏନ୍.ଏ.)–

କୋରାପୁଟ ଜିଲା କୋଟପାଡ ସହରରେ ବିଶୁଦ୍ଧ ପାନୀୟଜଳ ଯୋଗାଣ ପାଇଁ ରାଜ୍ୟ ସରକାର ୧କୋଟି ଟଙ୍କାରୁ ଉର୍ଦ୍ଧ୍ୱ ବିନିଯୋଗ କରିଥିଲେ ସୁଦ୍ଧା ସହରବାସୀ ଏହା ପାଇବାରୁ ବଞ୍ଚିତ ହେଉଛନ୍ତି। କୋଟପାଡ଼ ଏନ୍ଏସି ଅଧୀନ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରତ୍ୟେକ ୱାର୍ଡ ବିଶୁଦ୍ଧ ପାନୀୟଜଳ ଯୋଗାଣ ପାଇଁ ପାଇପ ବିଛାଯାଇଛି। କେତେକ ୱାର୍ଡରେ ଲୁହା ପାଇପ ଏବଂ ଅନ୍ୟ କିଛି ୱାର୍ଡରେ ପ୍ଲାଷ୍ଟିକ୍ ପାଇପ ବିଛାଯାଇଛି। ଉକ୍ତ ପାଇପଗୁଡିକ ଉପଯୁକ୍ତମାନର କି ନୁହେଁ ତାହା ତଦନ୍ତ ସାପେକ୍ଷ। କୋରାପୁଟ ଜନସ୍ୱାସ୍ଥ୍ୟ ବିଭାଗ କାର୍ଯ୍ୟାଳୟ ଅନୁଯାୟୀ ଏହି ଅଞ୍ଚଳରେ ଟେଣ୍ଡର ମାଧ୍ୟମରେ ପାଇପ ବିଛା ଯାଇଛି। ନିୟମ ଅନୁଯାୟୀ ୪ ଫୁଟ ତଳକୁ ପାଇପ ବିଛାଯିବା କଥା, କିନ୍ତୁ ସାହି, ଗଳି କନ୍ଦିରେ ଡ୍ରେନ୍ କଡେ କଡେ ୨ଫୁଟ କିମ୍ବା ଅଢ଼େଇଫୁଟ ଗାତ ଖୋଳାଯାଇ ପାଇପ ବିଛାଯାଇଛି। ନିମ୍ନମାନର କାମ ହୋଇଥିବା ସାଧାରଣରେ ଅଭିଯୋଗ ହେଉଛି। ପ୍ରତିଦିନ ଡ୍ରେନ୍ କଡର ପାଇପ ଫାଟି ଡ୍ରେନ୍ ପାଣି ପାଇପ ପାଣିରେ ମିଶି ଦୂଷିତ ହେଉଛି। ଏହି ପାଣିକୁ ସହରବାସୀଙ୍କୁ ଯୋଗାଇ ଦିଆଯାଉଛି। ଫଳରେ ଲୋକେ ଉକ୍ତ ପାଣି ବ୍ୟବହାର କରି ନାନା ରୋଗରେ ଆକ୍ରାନ୍ତ ହେଉଛନ୍ତି । ଗତ କିଛିଦିନ ଧରି ପାର୍କ ନିକଟ ଡ୍ରେନ୍ କଡ ପାଇପ ଫାଟି ନାଳ ମଧ୍ୟରେ ପାଣି ପଶିଥିଲା । ବିଭାଗୀୟ କର୍ମଚାରୀ କୌଣସି ବ୍ୟବସ୍ଥା କରିନଥିଲେ। ଅଧିକାଂଶ ୱାର୍ଡରେ ଏଭଳି ସ୍ଥିତି ସୃଷ୍ଟି ହେଉଛି। ଅପରପକ୍ଷେ ହାଟପଦା ପାଖରେ ମେଗା ପ୍ରୋଜେକ୍ଟ ମାଧ୍ୟମରେ ବଣିଆ ନିକଟରୁ ପାଣି ଉଠାଯାଇ ଟାଙ୍କିରେ ଭର୍ତ୍ତି କରାଯାଉଛି । ଉକ୍ତ ଟାଙ୍କିରୁ ମଧ୍ୟ ପାଣି ଲିକେଜ ହେଉଥିବା ଦେଖିବାକୁ ମିଳୁଛି । ସହରରେ ପାଇପଗୁଡିକ ବିଛାଯାଇ ହାଉସ୍ ଲାଇନ କନେକ୍ସନ ଦିଆଯାଇଛି । ହିତାଧିକାରୀମାନଙ୍କଠାରୁ ଏ ବାବଦ କର ଆଦାୟ କରାଯାଇଥିବା ବେଳେ ଠିକ୍ ରୂପେ ଜଳ ଯୋଗାଣ ହେଉ ନ ଥିବାରୁ ହିତାଧିକାରୀମାନେ ହଇରାଣ ହେଉଛନ୍ତି। ସହରବାସୀ ଏ ନେଇ ଜନସ୍ୱାସ୍ଥ୍ୟ ବିଭାଗ ଜଳଯୋଗାଣ ଅଧିକାରୀ ରାମଚନ୍ଦ୍ର ପ୍ରଧାନଙ୍କୁ ଅଭିଯୋଗ ଜଣାଇବାରୁ ତଦନ୍ତ କରାଯାଇ ପଦକ୍ଷେପ ନିଆଯିବ ବୋଲି କହିଥିଲେ। ମାତ୍ର ଇତିମଧ୍ୟରେ ୪ ମାସ ବିତିଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇନାହିଁ। ତେଣୁ ବିଶୁଦ୍ଧ ପାନୀୟଜଳ ନାଁରେ ଜହର ଯୋଗାଣ ହେଉଥିବା ସାଧାରଣରେ ଅଭିଯୋଗ ହେଉଛି। ଏ ଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ଦାବି କରାଯାଇଛି।



# ଦାମନଯୋଡି ସରସ୍ୱତୀ ବିଦ୍ୟାମନ୍ଦିରର ସଫଳତା

ଦାମନଯୋଡି,୧୦।୯(ଡି.ଏନ୍.ଏ.)–

କଳାହାଣ୍ଡିର ଜୁନାଗଡ ସରସ୍ୱତୀ ଶିଶୁମନ୍ଦିରଠାରେ ଚଳିତମାସ ୨ଦିନ ଧରି ଅନୁଷ୍ଠିତ ସମ୍ଭାଗ କ୍ରୀଡାରେ ଦାମନଯୋଡି ସରସ୍ୱତୀ ବିଦ୍ୟାମନ୍ଦିରର ଛାତ୍ରୀଛାତ୍ର ବେଶ ସଫଳ ହୋଇଛନ୍ତି । ୧୨ଟି ସ୍ୱର୍ଣ୍ଣ ସହ, ୩ଟି ରୌପ୍ୟ ଓ ୪ଟି ବ୍ରୋଞ୍ଜପଦକ ହାସଲ କରିଛନ୍ତି। ବ୍ୟକ୍ତିଗତ ସ୍ତରରେ ଜଣେ ଚାମ୍ପିୟନ ଓ ୨ଟିରେ ଦଳଗତ ଚାମ୍ପିୟନ ହୋଇଛନ୍ତି । ୫ଜଣ ଛାତ୍ରୀଛାତ୍ର ଅକ୍ଟୋବର ୧୪ରୁ ୧୬ ବାଲେଶ୍ୱରର ମାଣିଖମ୍ବଠାରେ ହେଉଥିବା ରାଜ୍ୟସ୍ତର କ୍ରୀଡା ପାଇଁ ମନୋନୀତ ହୋଇଛନ୍ତି । କ୍ରୀଡା ଶିକ୍ଷକ ଡଃ ରମେଶ ଚନ୍ଦ୍ର ସ୍ୱାଇଁ ଓ ସୁଲଳନା ପ୍ରିୟଦର୍ଶନୀ ପଣ୍ଡାଙ୍କ ମାର୍ଗଦର୍ଶନରେ ଏମାନେ ଅଂଶଗ୍ରହଣ କରିବେ । ଜୁନାଗଡ ପ୍ରତିଯୋଗିତାରେ ୧୭ବର୍ଷରୁ କମ୍ ବାଳିକା ବିଭାଗରେ ଗୁଲାପି ଗୌଡ ୮୦୦ମିଟର, ୧୫୦୦ମିଟର ଓ ୩ହଜାର ମିଟର ଦୌଡରେ ପ୍ରଥମ ସ୍ଥାନ ପାଇଁ ବ୍ୟକ୍ତିଗତ ଚାମ୍ପିୟନ ହୋଇଛନ୍ତି । ସେହିପରି ଚୁନା ଗୌଡ ବାଳକରେ ୮୦୦ମିଟର ଓ ୧୫୦୦ମିଟରରେ ପ୍ରଥମ ହୋଛନ୍ତି । ସୁମିତ ନାୟକ ୪୦୦ମିଟରେ, ୬୦୦ମିଟରରେ ପ୍ରଥମ ହୋଇଥିବାବେଳେ ମଦନା ଖିଲ ଉଚ୍ଚଡିଆଁ ଓ ସଟପୁଟରେ ପ୍ରଥମ ମମିତା ଖିଲ ୧୦୦ମିଟରରେ ପ୍ରଥମ ହୋଇଛନ୍ତି । ଲମ୍ବଡିଆଁରେ ୨ୟ, ଲିଙ୍କି ଗୌଡ ୪୦୦ମିଟରରେ ୨ୟ ୨୦୦ମିଟରରେ ୩ୟ । ରଞ୍ଜିତା ଖିଲ ୧୦୦ମି, ୯୦୦ମି ଓ ଲମ୍ବଡିଆଁରେ ୩ୟ ସ୍ଥାନ ଏବଂ ଉଙ୍ଗରୁ ଗୌଡ ଡିସବସରେ ୨ୟ ସ୍ଥାନ ପାଇଛନ୍ତି । ଛାତ୍ରୀଛାତ୍ରଙ୍କ ଟିଲେ ସଫଳତା ପରେ ବିଦ୍ୟାମନ୍ଦିରର ଅଧକ୍ଷ ଓ ଶୁଭ୍ରାଂଶୁ ଶେଖର ବାହିନୀପତିଙ୍କ ସହ ଶିକ୍ଷକ ଶିକ୍ଷୟିତ୍ରୀ, କ୍ରୀଡାପ୍ରେମୀ, ଅଭିଭାବକ ଓ ପରିଚାଳନା କମିଟି କର୍ମକର୍ତ୍ତା ଶୁଭେଚ୍ଛା ଜଣାଇଛନ୍ତି ।


କୃତୀ ପ୍ରତିଯୋଗୀମାନେ ।

# ସମସ୍ୟା ଘେରରେ ସାତସିମିଳି ପ୍ରାଥମିକ ବିଦ୍ୟାଳୟ

■ଜଣେ ଶିକ୍ଷକଙ୍କୁ ୫ ଶ୍ରେଣୀ
■ ପାଚେରି ନାହିଁ
■ଜରାଜୀର୍ଣ୍ଣ ଅବସ୍ଥାରେ ଶ୍ରେଣୀଗୃହ

ନନ୍ଦପୁର,୧୦।୯(ଡି.ଏନ୍.ଏ

–କୋରାପୁଟ ଜିଲା ନନ୍ଦପୁର ବ୍ଲକ୍ ଥିବା ଗ୍ରାମପଞ୍ଚାୟତ ଅନ୍ତର୍ଗତ ସାତସିମିଳି ଗ୍ରାମସ୍ଥିତ ପ୍ରାଥମିକ ବିଦ୍ୟାଳୟ ବିଭିନ୍ନ ସମସ୍ୟା ଦେଇ ଗତି କରୁଛି। ଏହି ବିଦ୍ୟାଳୟ ବ୍ଲକ୍ ମହକୁମାଠାରୁ ୫ କିମି ଦୂର ମୁଖ୍ୟ ରାସ୍ତା କଡ଼ରେ ଅବସ୍ଥିତ। ଏଠାରେ ପ୍ରଥମରୁ ୫ମ ଶ୍ରେଣୀ ଯାଏ ୪୨ ଜଣ ପିଲା ପଢୁଛନ୍ତି। ହେଲେ ଜଣେ ମାତ୍ର ଶିକ୍ଷକ ପ୍ରଶାନ୍ତ କୁମାର ରାଉତରାୟ ଥିବାରୁ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଛି। ଗତ କିଛି ମାସ ତଳେ ଏଠାରୁ ପ୍ରଧାନ ଶିକ୍ଷକ ଅବସର ନେବା ପରେ ଶିକ୍ଷାଦାନ ଠପ୍ ହୋଇଗିଛି। ପ୍ରଶାନ୍ତ ପ୍ରଧାନ ଶିକ୍ଷକ ଦାୟିତ୍ୱ ତୁଲାଉ ଥିବାରୁ ସେ କାଗଜପତ୍ର କାମରେ ବ୍ୟସ୍ତ ରହୁଛନ୍ତି। କିନ୍ତୁ ଶିକ୍ଷାଦାନ ପାଇଁ କେହି ନାହାନ୍ତି। ପିଲାମାନେ ପାଠପଢ଼ା ଛାଡ଼ି ଖେଳରେ ମାତୁଛନ୍ତି। ବିଦ୍ୟାଳୟରେ ପାଚେରି ନାହିଁ। ବିଦ୍ୟାଳୟ ଗୃହ ମଧ୍ୟ ଜରାଜୀର୍ଣ୍ଣ ଅବସ୍ଥାରେ ଅଛି। ଆବଶ୍ୟକ ଗୃହ ଅଭାବରୁ ବର୍ଷା ହେଲେ ପିଲାମାନେ ମଧ୍ୟାହ୍ନ ଭୋଜନ ଖାଇ ପାରୁ ନାହାନ୍ତି। ଅନ୍ୟ ଦିନଗୁଡ଼ିକରେ ମଧ୍ୟ ଅପରିଷ୍କାର ପରିବେଶରେ ବସାଇ ମଧ୍ୟାହ୍ନ ଭୋଜନ ଖାଇବାକୁ ଦିଆଯାଉଛି। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୁବାସ ପାଙ୍ଗୀ ଶିକ୍ଷକଙ୍କ ନିଯୁକ୍ତି ପାଇଁ ଦାବି କରିଛନ୍ତି । ଏ ସମ୍ପର୍କରେ ଏବିଓ ମମତାଜ୍ ଗମାଙ୍ଗଙ୍କୁ ପଚରାଯିବାରୁ, ଉକ୍ତ ବିଦ୍ୟାଳୟରେ ଶିକ୍ଷକଙ୍କ ଅଭାବ ଯୋଗୁଁ ଶିକ୍ଷାଦାନରେ ସମସ୍ୟା ହେଉଥିବା ସ୍ୱୀକାର କରିବା ସହ ଏଦିଗରେ ପଦକ୍ଷେପ ନିଆଯିବାକୁ ପ୍ରୟାସ ଚାଲିଥିବା କହିଛନ୍ତି।


ଛାତ୍ରୀଛାତ୍ରମାନେ ମଧ୍ୟାହ୍ନଭୋଜନ ଖାଇସାରି ବାସନ ଧୋଉଛନ୍ତି ।

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. ORIORI/2011/36305 Postal Regd. No. BN/42/18-20. ରାୟଗଡ଼ା, ମଙ୍ଗଳବାର, ସେପ୍ଟେମ୍ବର ୧୧ /୨୦୧୮ Rayagada, Tuesday, September. 11 / 2018

## ସଂକ୍ଷେପରେ



## ଗ୍ରାମବାସୀ କଲେ ବୃକ୍ଷରୋପଣ

**ମୁନିଗୁଡ଼ା,୧୦।୯(ଡ଼ି.ଏନ.ଏ):** ରାୟଗଡ଼ା ଜିଲା ମୁନିଗୁଡ଼ା ବ୍ଲକ ଅନ୍ତର୍ଗତ ହାତୀପଦର ଗ୍ରାମରେ ସୋମବାର ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଗ୍ରାମବାସୀ ଓ ଯୁବଗୋଷ୍ଠୀ ଯୋଗ ଦେଇ ଅଁଳା, କରଞ୍ଜ, ପିସ୍ତାବାଦାମ, ରକ୍ତଚନ୍ଦନ, ଶମି, ପଣସ ପ୍ରଭୃତି ଚାରାପେରାଣ କରିଥିଲେ। ଜିଲା ପରିଷଦ ସଭ୍ୟ ରାମଚନ୍ଦ୍ର ବେହେରା, ଅଧ୍ୟାପକ ଦେବବ୍ରତ ରାଜଗୁରୁ, ଜିଲା ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଗୌରାଙ୍ଗ ଚରଣ ରାଉତ, ବନପାଳ ହରିଶ୍ଚନ୍ଦ୍ର ମାର୍ଥା, ଗ୍ରାମ ମୁଖ୍ୟ ମଧୁ କଣ୍ଡୁ, ବନଭୈରବୀ ଯୁବକ ସଂଘର ପୂର୍ବ କଣ୍ଡୁ, କତାବାଲାସା ରାଙ୍ଗାରାଓ, ଆର୍ଯ୍ୟା ମଧୁ,ପାଣ୍ଡରାଙ୍ଗୀ ତ୍ରିଲୋଚନ, ଟୁଟୁ ପରିଚ୍ଛା ପ୍ରମୁଖ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମରେ ଯୋଗେଶ୍ୱର ବାୟାଣୀ, ଟଙ୍କଧର ଆର୍ଯ୍ୟା, ସୂର୍ଯ୍ୟ ଆର୍ଯ୍ୟା ପରିଚାଳନାରେ ସହାୟତା କରିଥିଲେ ।

## ଜିରାଙ୍ଗରେ ଅଭିଯୋଗ ଶୁଣାଣି

**ରାୟଗଡ (ଗଜପତି), ୧୦।୯(ଡି.ଏନ.ଏ.):** ଗଜପତି ଜିଲା ରାୟଗଡ ବ୍ଲକ ଅଧୀନ ଜିରାଙ୍ଗ ଗ୍ରାମପଞ୍ଚାୟତର ରାଜୀବ ଗାନ୍ଧୀ ସେବା କେନ୍ଦ୍ରରେ ସୋମବାର ଯୁଗ୍ମ ଜନଶୁଣାଣି ଅନୁଷ୍ଠିତ ହୋଇଯାଇଛି। କଂଗ୍ରେସର ଭାରତ ବନ୍ଦ ଡାକରା ଯୋଗୁ କୌଣସି ଜିଲାସ୍ତରୀୟ ଅଧିକାରୀ ଏଥିରେ ଯୋଗଦେଇପାରି ନ ଥିଲେ। ବିଡିଓ ନୃସିଂହ ଚରଣ ସେଠୀ ଉପସ୍ଥିତ ରହି ମୋଟ ୩୧ଟି ଅଭିଯୋଗର ଶୁଣାଣି କରିଥିଲେ। ତନ୍ମଧ୍ୟରେ ୧୬ଟି ବ୍ୟକ୍ତିଗତ ଓ ୧୫ଟି ସାମୂହିକ ଅଭିଯୋଗ ରହିଥିଲା। ସ୍ଥାୟୀ ପିଇଓ ନିଯୁକ୍ତି, ରାସ୍ତା ନିର୍ମାଣ, ଜିରାଙ୍ଗ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ଥାୟୀ ଡାକ୍ତର ନିଯୁକ୍ତି, ଜିରାଙ୍ଗ କଲେଜ ସୁପରିଚାଳନା, ବଡପୋଡାର ଗ୍ରାମରେ ଜଙ୍ଗଲ ଜମିପଟ୍ଟା ବାଣ୍ଟିବା, ମୁରେଇ ସାହି, ରାଣିବାଡ ଓ ଏଙ୍ଗରବା ଗ୍ରାମରେ ପ୍ରାଥମିକ ବିଦ୍ୟାଳୟ ବନ୍ଦ ନ କରିବା, ମହେନ୍ଦ୍ରତନୟା ନଦୀରେ ପୋଲ ନିର୍ମାଣ ଆଦି ସାମୂହିକ ଅଭିଯୋଗ ଉପସ୍ଥାପନ କରାଯାଇଥିଲା। ସେହିପରି ବିଭିନ୍ନ ଯୋଜନାରେ ହିତାଧିକାରୀଙ୍କୁ ସାମିଲ କରାଯିବା, ଭତ୍ତା ଓ ରାଶନକାର୍ଡ ଦେବା ଆଦି ବ୍ୟକ୍ତିଗତ ଅଭିଯୋଗ ହୋଇଥିଲା। କାର୍ଯ୍ୟକ୍ରମରେ ଡାକ୍ତର ବିଜୟକୃଷ୍ଣ ଦାସ ଓ ସହକାରୀ ନିର୍ବାହୀ ଅଧିକାରୀ ଦିଲ୍ଲିପ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ତେବେ ଜିଲାସ୍ତରୀୟ ଅଧିକାରୀମାନଙ୍କ ଅନୁପସ୍ଥିତି ନେଇ ଅଭିଯୋଗକାରୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ବିଡିଓ ନୃସିଂହ ଚରଣ ସେଠୀ କହିଛନ୍ତି ଯେ, ବନ୍ଦ ପାଳନ ସତ୍ତ୍ୱେ ୩୧ଟି ଅଭିଯୋଗର ଶୁଣାଣି ହୋଇଛି। ସେଗୁଡିକ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯିବା ସହ ସମାଧାନ ପାଇଁ ପଦକ୍ଷେପ ନିଆଯିବ।

■ ତୈଳ ଦର ବୃଦ୍ଧି ପ୍ରତିବାଦ

# ବଜାର, ଯାନବାହନ ଚଳାଚଳ ବନ୍ଦ

**ରାୟଗଡ଼ା ଅଫିସ/ ଗୁଣପୁର/ ଚନ୍ଦ୍ରପୁର/ ମୁନିଗୁଡ଼ା/ ଟିକିରି/ ଗୁଡ଼ାରୀ/ଆମ୍ବାଦୋଲା/କଲ୍ୟାଣସିଂହପୁର/କାଶୀପୁର/ ବିଷମକଟକ ,୧୦।୯(ଡ଼ି.ଏନ.ଏ)**


ରାୟଗଡ଼ାରେ କଂଗ୍ରେସ କର୍ମୀମାନେ ବନ୍ଦ ପାଳନ କରୁଛନ୍ତି ।

ତୈଳଦର ବୃଦ୍ଧି ପ୍ରତିବାଦରେ କଂଗ୍ରେସ ପକ୍ଷରୁ ସୋମବାର ରାୟଗଡ଼ା ସହର ସମେତ ଜିଲାର ବିଭିନ୍ନ ସ୍ଥାନରେ ବନ୍ଦ ପାଳନ କରାଯାଇଛି । ରାୟଗଡ଼ା ଜିଲା କଂଗ୍ରେସ କମିଟି ସଭାପତି ଦୁର୍ଗାପ୍ରସାଦ ପଣ୍ଡାଙ୍କ ନେତୃତ୍ୱରେ ରାୟଗଡ଼ାରେ ବନ୍ଦ ପାଳନ କରାଯାଇଥିଲା । ସକାଳେ ସହରର ମୁଖ୍ୟରାସ୍ତାକୁ କର୍ମୀମାନେ ଅବରୋଧ କରିଥିଲେ । ଫଳରେ ଯାନବାହାନ ଚଳାଚଳ ବନ୍ଦ ରହିଥିଲା । ଏଥିସହ ସ୍କୁଲ,କଲେଜ, ଦୋକାନବଜାର, ସରକାରୀବେସରକାରୀ କାର୍ଯ୍ୟାଳୟ ବନ୍ଦ ରହିଥିଲା । ଗାଡ଼ି ଚଳାଚଳ ବନ୍ଦ ଯୋଗୁ ଲୋକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ । ଆପଲ ସ୍ୱାମୀ କାଡ୍ରାକା, ମକରନ୍ଦ ମୁଦୁଲି, ଜିଲାପରିଷଦ ଅଧ୍ୟକ୍ଷ ପୁରୁଷୋତ୍ତମ ଗମାଙ୍ଗ, ବିଜୟ ଗମାଙ୍ଗ, ଶଙ୍କରର୍ଷଣ ମଙ୍ଗରାଜ, ସୁନୀଲ କୁମାର ପଣ୍ଡା,ରତ୍ନମଣୀ ଉଲ୍ଲାକା, ରଘୁନାଥ ପାତ୍ର ପ୍ରମୁଖ ସାମିଲ ହୋଇଥିଲେ । ଏହାପରେ କପିଳାସ ଛକ ନିକଟରେ ଏକ ସଭାର ଆୟୋଜନ କରାଯାଇଥିଲା। ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା । ସେହିପରି ଗୁଣପୁରଠାରେ ଶାନ୍ତିପୂର୍ଣ୍ଣ ଭାବେ ବନ୍ଦ ପାଳନ ହୋଇଛି। ସିପିଆଇଏମଏଲ କର୍ମକର୍ତ୍ତାମାନେ ବିଭିନ୍ନ ସ୍ଥାନରେ ଟାୟର ଜାଳି ରାସ୍ତାରୋକ କରିବା ସହ ଦୋକାନ ବଜାର ବନ୍ଦ କରିଥିଲେ। ତ୍ରିପତି ଗମାଙ୍ଗଙ୍କ ନେତୃତ୍ୱରେ ଲକ୍ଷ୍ମୀକାନ୍ତ ମିଶାଲ, ଜେମସ ଶବର, ସୁମନ ଶବର, ଆନାସିମନ ଶବର, ସହଦେବ ଶବର, ମୁନା ଶବର, ଭାରତ ଶବର ସାମିଲ ହୋଇଥିଲେ। ସେହିପରି ପୁଟାସିଂଠାରେ ଦାମଦୋର ଶବର, ସାଇମନ ଦଳ ବେହେରା, ବିନୟ ଦଳ ବେହେରାଙ୍କ ନେତୃତ୍ୱରେ ବନ୍ଦ ପାଳନ ହୋଇଥିଲା । ସେହିପରି ଚନ୍ଦ୍ରପୁର ବ୍ଲକରେ ବନ୍ଦର ପ୍ରଭାବ ଦେଖିବାକୁ ମିଳିଥିଲା । ବ୍ଲକର ସମସ୍ତ ସରକାରୀ, ବେସରକାରୀ ବିଦ୍ୟାଳୟ,ଦୋକାନ ବଜାର, ଯାନବାହାନ ଚଳାଚଳ ବନ୍ଦ ରହିଥିଲା । ସେହିଭଳି ମୁନିଗୁଡ଼ା ବ୍ଲକ କଂଗ୍ରେସ ସଭାପତି ଚନ୍ଦ୍ରଶେଖର ବେହେରା ଓ ଜିଲା କଂଗ୍ରେସ ସଦସ୍ୟ କେଶବ ଚନ୍ଦ୍ର ସାହୁକାରଙ୍କ ନେତୃତ୍ୱରେ ମୁନିଗୁଡ଼ାରେ ବନ୍ଦ ପାଳନ କରାଯାଇଥିଲା । ଏଥିରେ ମୁନିଗୁଡ଼ା ବ୍ଲକ ଅଧ୍ୟକ୍ଷ ଶ୍ରୀଧର କରଡ଼ା, ଡ଼ମ୍ବରୁଧର ଶତପଥୀ, ବୈକୁଣ୍ଠ ବନଛର, ପରମାନନ୍ଦ ବନଛର, ଲମ୍ବୋଧର ପିଡ଼ିକାକା, ଭରତ ଭୋଇ, ଭାଗିରଥୀ ନାଗ୍, ରମେଶ ପାଲ୍କା, ସଂଗ୍ରାମ ବନଛର, ଦିଗାମ୍ବର ଶିକ୍କା, ବୁଡ୍ଡୁ ନାଗ, ରାଇକିଶୋର ଦାସ ପ୍ରମୁଖ ଯୋଗ ଦେଇଥିଲେ । ସେହିପରି କାଶିପୁର ବ୍ଲକ ଅଧ୍ୟକ୍ଷା ଗୁଆଇ ମାଝିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବନ୍ଦ ପାଳନରେ ଜିଲା ପରିଷଦ ଅଧ୍ୟକ୍ଷା ଅମ୍ବିକା ମାଝି, ନୀଳକଣ୍ଠ ଖୋଡ଼ିଆ,ସରପଞ୍ଚ ହେମଲତା କାଡ୍ରାକା, ଅଜି ମାଝି,ସାଧୁଚରଣ ମାଝି, ଉମାକାନ୍ତ ଡୁରୁକ, ଲବ ନାଏକ, ସେନା ସାହୁ, ଗୋପାଳ ସାହୁ, ବିଜ୍ୟରନ୍ତ ଚୌଧୁରୀ, ରବୀନ୍ଦ୍ର ନାଏକ,ଗଜେନ୍ଦ୍ର ମାଝି ପ୍ରମୁଖ ସାମିଲ ହୋଇଥିଲେ । ଟିକିରି ଅଞ୍ଚଳର ତୋଟାଗୁଡ଼ା, ଖୋଡ଼ିଆସାହି, ବ୍ୟାଙ୍କ ସାହି, ଦୋରା ସାହି,ସୋରିଷପଦର ଛକଠାରେ କର୍ମୀମାନେ ରାସ୍ତାରୋକୋ କରିଥିଲେ। ସେହିପରି ଗୁଡ଼ାରୀରେ ବନ୍ଦର ପ୍ରଭାବ ସମ୍ପୂର୍ଣ୍ଣ ପଡ଼ିଛି । ବରିଷ୍ଠ ନେତା ରଘୁନାଥ ପାତ୍ର, ବଳରାମ ବାଦମ୍ବାଲୁ, ପେଦିନା ରମେଶ, ବୁଲା ଶବର, ବୃନ୍ଦାବନ ବିଡ଼ିକା, ସମ୍ବରା ଶବର, ନାରାୟଣ ଶବର, ସୁଧୀର ବେବର୍ତ୍ତାଙ୍କ ସମେତ ବହୁ ଦଳୀୟ କର୍ମୀ ଏଥିରେ ସାମିଲ ହୋଇଥିଲେ । ସେହିପରି ଆମ୍ବାଦୋଳାରେ କର୍ମୀମାନେ ରାସ୍ତାରୋକୋ କରି ବନ୍ଦକୁ ସଫଳ କରିଥିଲେ । ମଣ୍ଡଳ ସଭାପତି ରାମ ପ୍ରକାଶ କରକରିଆ ଓ କଂଗ୍ରେସ ମଣ୍ଡଳ ଉପସଭାପତି ଧ୍ରପାନ ସାଗର ନାୟକଙ୍କ ନେତୃତ୍ୱରେ ଏହି ବନ୍ଦ କରାଯାଇଥିଲା। ଏଥିରେ କଂଗ୍ରେସ ନେତା ପଞ୍ଚାନନ କରକରିଆ, ରଜନୀ ଘଡ଼ାଇ, ଗରିବ ଟାକ୍ରି, କୁଞ୍ଜବିହାରୀ ତ୍ରିପ୍ରାଠୀ,ଦିନେଶ ସୁକଲା, ରାମକୃଷ୍ଣ ପୂଜାରୀ, ମିଠାଲାଲ ସେନାପତି, ମାର୍କଣ୍ଡ ଡ଼ଙ୍ଗୋରି, ମଦନ ନାଗ,ଉପେନ୍ଦ୍ର ବେହେରା ପ୍ରମୁଖ ଯୋଗ ଦେଇଥିଲେ । କଲ୍ୟାଣସିଂହପୁର ବ୍ଲକରେ ବନ୍ଦ ପାଳନ କରାଯାଇଛି । ବ୍ଲକରେ 'କ' ଜୋନ ସଭାପତି ଜି. ପ୍ରସାଦ ରାଓ ଓ 'ଖ' ଜୋନର କେ. ସୁରଥ ରାଓ ଙ୍କ ନେତୃତ୍ୱରେ ବହୁ କର୍ମୀ ପିକେଟିଂ କରି ଦୋକାନବଜାର ବନ୍ଦ କରିଥିଲେ । କୁମାର ସ୍ୱାମୀ, କେ. ଚୋପତି, ଚିତ୍ତରଞ୍ଜନ ଗାଣ୍ଡା,ଲେଙ୍ଗିରି ଲକ୍ଷ୍ମଣ, ପ୍ରଶାନ୍ତ କୌଶଲ୍ୟା, ଆପଲ ସ୍ୱାମୀ, ଲେକ ନାଚିକା, ବଳରାମ ନାଚିକା, ସୁବାସ ଜେମାଲପୁରୀ ପ୍ରମୁଖ ଯୋଗ ଦେଇଥିଲେ। ସେହିପରି କାଶୀପୁରରେ ଏହି ବନ୍ଦର ପ୍ରଭାବ ଦେଖିବାକୁ ମିଳିଛି। କାଶୀପୁର 'କ' ଜୋନର ସଭାପତି ଗଜେନ୍ଦ୍ର କୁମାର ନାଏକ, ଅଙ୍ଗଦ ନାଏକଙ୍କ ନେତୃତ୍ୱରେ କଂଗ୍ରେସ କର୍ମୀମାନେ ଏକ ରାଲିରେ ଯିବା ସହ ରାସ୍ତା ଅବରୋଧ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବାଳକୃଷ୍ଣ ବୈଦ୍ୟ, ବିମଳା ମାଝି, ହୁତାସନ ନାଏକ,ବାବୁ ମହାନ୍ତୀ,ମିଥୁନ ନାଏକ ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ବିଷମକଟକରେ ବନ୍ଦ ପାଳନ କରାଯାଇଛି । ଏଥିରେ ଅଶୋକ ଆଚାର୍ଯ୍ୟ, ଚନ୍ଦ୍ରଧ୍ୱଜ କୁସୁଲିଆ ଓ ପୂର୍ଣ୍ଣ ତକିରି, ସର୍ପଟି ଉଲ୍ଲାକା,ଦିଲୀପ ପଟ୍ଟନାୟକ, ନୀଳମାଧବ ହିକ୍କା,ଅଜିତ ସରକ ପ୍ରମୁଖ ନେତୃତ୍ୱ ନେଇଥିଲେ ।


ରାମନାଗୁଡ଼ାରେ କଂଗ୍ରେସ କର୍ମୀମାନେ ରାସ୍ତାରୋକୋ କରିଛନ୍ତି ।

## ଓକିଲଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

**ରାୟଗଡ଼ା ଅଫିସ,୧୦।୯**

ହାଇକୋର୍ଟରେ କାର୍ଯ୍ୟରତ ଆଇନଜୀବୀ ଦେବ ପ୍ରସାଦ ପଟ୍ଟନାୟକଙ୍କୁ ପୋଲିସର ଦୁର୍ବ୍ୟବହାର ଓ ଅମାନୁଷିକ ଆକ୍ରମଣ ପ୍ରତିବାଦରେ ରାୟଗଡ଼ା ଓକିଲ ସଂଘ ପକ୍ଷରୁ ତିନିଦିନିଆ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯାଇଛି । ସମ୍ପୃକ୍ତ ପୋଲିସ କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ତାଙ୍କ ବିରୋଧରେ ଫୌଜଦାରୀ ମକଦ୍ଦମା ଦାଏର କରିବା ଓ ତୁରନ୍ତ ତାଙ୍କୁ ଗିରଫ କରିବାକୁ ଦାବି କରାଯାଇଛି। ରାୟଗଡ଼ା ଓକିଲ ସଂଘ ସଭାପତି ବିଷ୍ଣୁ ପ୍ରସାଦ ପଣ୍ଡାଙ୍କ ନେତୃତ୍ୱରେ ଆଇନଜୀବୀ ଅରୁଣ କୁମାର ପାଣିଗ୍ରାହୀ, ଲାବଣ୍ୟମୋହନ ପଟ୍ଟନାୟକ, ମହେଶ ପଟ୍ଟନାୟକ, ପ୍ରତାପ ଚନ୍ଦ୍ର ଦାସ, ବ୍ରଜସୁନ୍ଦର ନାୟକ, ଦମୟନ୍ତି ମହାନନ୍ଦିଆ, ଜ୍ୟୋତ୍ସ୍ନାରାଣୀ ଦେବୀ, ମନୁଚରଣ ସ୍ୱାଇଁ, ଭେଙ୍କେଟରାଓ, ରବୀନ୍ଦ୍ର ନାୟକ, ରମେଶଚନ୍ଦ୍ର ପାଢୀ, ଏମ.ଏସ. ପଟ୍ଟନାୟକଙ୍କ ସମେତ ସମସ୍ତ ଆଇନଜୀବୀ ଉପସ୍ଥିତ ଥିଲେ ।


ଓକିଲମାନେ ଆନ୍ଦୋଳନ ଚଳାଇଛନ୍ତି ।



ଗୁଣପୁର ଷ୍ଟେଶନଠାରେ ଥିବା ଛାତ୍ରୀଛାତ୍ର ।

■ ଏବିଭିପି ଛାତ୍ରୀଛାତ୍ରଙ୍କ ଭୁବନେଶ୍ୱର ଯାତ୍ରା

## ଛାତ୍ର ଅଧିକାର ସମାବେଶରେ ଯୋଗ ଦେବେ

**ଗୁଣପୁର,୧୦।୯(ଡି.ଏନ.ଏ)**

ମଙ୍ଗଳବାର ଭୁବନେଶ୍ୱରଠାରେ ଏବିଭିପି ପକ୍ଷରୁ ଛାତ୍ର ଅଧିକାର ଏବଂ ଶିକ୍ଷା ବଞ୍ଚାଅ ଦାବିରେ ସମାବେଶ ଅନୁଷ୍ଠିତ ହେବ । ଏଥିଲାଗି ରାୟଗଡା ଜିଲା ଗୁଣପୁର ଏବିଭିପି ଶାଖା ପକ୍ଷରୁ ଶତାଧିକ ଛାତ୍ରୀଛାତ୍ର ସୋମବାର ସନ୍ଧ୍ୟାରେ ଭୁବନେଶ୍ୱର ଅଭିମୁଖେ ଯାତ୍ରା କରିଛନ୍ତି। ବି.ସତିଶ କୁମାର, ଚିନ୍ମୟ ପାଣିଗ୍ରାହୀ, ଲକ୍ଷ୍ମୀ ମହାଙ୍କୁଡଙ୍କ ନେତୃତ୍ୱରେ ଯାଇଛନ୍ତି ।

## ବ୍ଲକସ୍ତରୀୟ ଅଙ୍ଗନୱାଡି କର୍ମୀ ସଂଘର ବୈଠକ

**ଗୁଣପୁର,୧୦।୯(ଡି.ଏନ.ଏ)**

ରାୟଗଡା ଜିଲା ଗୁଣପୁର ବ୍ଲକ ଅଲ ଓଡିଶା ଲେଡିଜ ଅଙ୍ଗନୱାଡି ୱାର୍କର୍ସ ଆସୋସିଏଶନର ବୈଠକ ରବିବାର ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଅଙ୍ଗନୱାଡି କର୍ମୀମାନଙ୍କ ବିଭିନ୍ନ ସମସ୍ୟା ନେଇ ଆଲୋଚନା କରାଯାଇଥିଲା । ସଭାନେତ୍ରୀ ସନ୍ଧନି ରଇତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଆଇନ ଉପଦେଷ୍ଟା ପ୍ରଦୀପ କୁମାର ଦାସ ଅତିଥି ଭାବେ ଯୋଗ ଦେଇଥିଲେ । ସରକାରଙ୍କ ନୂତନ ରନ୍ଧା ନିତିକୁ ସଂପୂର୍ଣ୍ଣ ଭାବେ ବିରୋଧ କରାଯିବା ସହ ଆଗାମୀ ଦିନରେ ଏଥିପାଇଁ ଅଧିକ ଅର୍ଥ ମଞ୍ଜୁର କରା ନ ଗଲେ ରନ୍ଧା ବନ୍ଦ କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା । ବୈଠକରେ ୩ ଜଣ ଅବସରପ୍ରାପ୍ତ ଅଙ୍ଗନୱାଡି କର୍ମୀ ରାଜେଶ୍ୱରୀ ବେହେରା, ରାଜେଶ୍ୱରୀ ସାହୁ ଓ ଜୟନ୍ତୀ ପିରିପାକା ଏବଂ ଜଣେ ହେଲପରଙ୍କୁ ୫ ହଜାର ଟଙ୍କା ଲେଖାଏଁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା । ଛତୁଆ କେନ୍ଦ୍ରଗୁଡ଼ିକରେ ହେଉଥିବା ଦୁର୍ନୀତିକୁ ବିରୋଧ କରାଯାଇଥିଲା । ଏଥିସହ ତୁରନ୍ତ ଦୁର୍ଗମ ଅଞ୍ଚଳରେ କିଭଳ ଛତୁଆ ଠିକ ଭାବେ ପହଞ୍ଚିପାରିବ ସେନେଇ ଦାବି ହୋଇଥିଲା । ଗୁଣପୁର ସିଡିପିଓ କୌଣସି କାରଣ ନ ଥାଇ ଖଇରା –୧ର କର୍ମୀ କଲ୍ୟାଣୀବାଳା ପରିଛା, ଖଇରା–୨ର କର୍ମୀ ପ୍ରେମଲତା ପାଲକା, କିତଙ୍ଗର କେ.ରାଜେଶ୍ୱରୀ,ଚାଲକମ୍ବାର ଇନ୍ଦୁ ଲିମା ଓ ସତ୍ୟରଞ୍ଜନୀ ଗାଣ୍ଟାଙ୍କ ବଳକା ରଖିଥିବା ଦୁଇ ମାସର ଦରମା ତୁରନ୍ତ ପ୍ରଦାନ କରିବା ନେଇ ଦାବି କରାଯାଇଥିଲା। ଆସନ୍ତା ୧୭ ତାରିଖରେ ରାୟଗଡାଠାରେ ଅନୁଷ୍ଠିତ ହେଉଥିବା ସଂଘର କାର୍ଯ୍ୟକାରିଣୀ ବୈଠକରେ ବହୁଳ ସଂଖ୍ୟାରେ ଯୋଗଦେଇ ସମସ୍ତ ଦାବିଗୁଡିକ ଜିଲାପାଳଙ୍କ ନିକଟରେ ଉପସ୍ଥାପିତ କରିବାକୁ ସ୍ଥିର ହୋଇଥିଲା। ନଚେତ୍ ଆଗାମୀ ଦିନରେ ଏକ କମିଟି ଜିଲାପାଳଙ୍କୁ ସାକ୍ଷାତ କରି ସମସ୍ତ ସମସ୍ୟା ଅବଗତ କରାଇବେ ବୋଲି ନିଷ୍ପତ୍ତି କରିଥିଲେ।




# ଅସୁରକ୍ଷିତ ଅବସ୍ଥାରେ ୩୦୨ ଛାତ୍ରୀଛାତ୍ର

**ଚନ୍ଦ୍ରପୁର,୧୦।୯ (ଡି.ଏନ୍.ଏ.)**


ଗଛପଡି ଭାଙ୍ଗିଯାଇଥିବା ପାଚେରି ।

ରାୟଗଡା ଜିଲା ଚନ୍ଦ୍ରପୁର ବ୍ଲକର ଡାଙ୍ଗସୋରଡା ପଞ୍ଚାୟତରେ ରହିଛି ଡ଼ାଙ୍ଗସୋରଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ। ସ୍ଥାନୀୟ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟର ୧୦୦ ଛାତ୍ରୀ ଆସି ଏଠାରେ ପାଠ ପଢୁଛନ୍ତି । ଗତ ଜୁନରେ ହୋଇଥିବା ପ୍ରବଳ ବର୍ଷା ପବନରେ ଏକ ବଡ଼ ତେନ୍ତୁଳିଗଛ ଉପୁଡ଼ି ବିଦ୍ୟାଳୟ ପାଚେରି ଉପରେ ପଡ଼ିଥିଲା । ଫଳରେ ପାଚେରିଟି ସମ୍ପୂର୍ଣ୍ଣ ଭାଙ୍ଗିଯାଇଥିଲା । ଗଛଟି ଏପରି ଅବସ୍ଥାରେ ରହିଛି ଯେ, ପିଲାମାନେ ଉକ୍ତ ରାସ୍ତା ଦେଇ ଯିବାକୁ ଭୟ କରୁଛନ୍ତି । ବର୍ତ୍ତମାନ ବିଦ୍ୟାଳୟରେ ପଢୁଥିବା ମୋଟ ୩୦୨ ଛାତ୍ରୀଛାତ୍ର ଅସୁରକ୍ଷିତ ଭାବେ ରହିଛନ୍ତି । ସ୍କୁଲ ପରିସରକୁ ବୁଲା ଗାଈ, ଗୋରୁ, ଛେଳି କୁକୁର ଅବାଧରେ ପ୍ରବେଶ କରି ହଇରାଣ କରୁଛନ୍ତି । ଏ ନେଇ ବିଦ୍ୟାଳୟ ପରିଚାଳନା କମିଟି ସଭାପତିଙ୍କ ସମେତ ଅନ୍ୟ ସଭ୍ୟମାନେ ଗତ ଜୁଲାଇରେ ଏକ ଜରୁରୀ ବୈଠକ ଡାକି ପାଚେରି ମରାମତି କରିବା ନେଇ ଆଲେଚାନା କରିଥିଲେ । ଏନେଇ ରାୟଗଡା ଜିଲା ପ୍ରକଳ୍ପ ସଂଯୋଜକ, ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ଚନ୍ଦ୍ରପୁରକୁ ଜଣାଇ ଦିଆଯାଇଛି । ପିଲାଙ୍କ ସୁରକ୍ଷା ଦୃଷ୍ଟିରୁ କାଠ, ବାଉଁଶ ଦ୍ୱାରା ବନ୍ଦ କରାଯାଇଛି ବୋଲି ପ୍ରଧାନଶିକ୍ଷୟିତ୍ରୀ ମମତା ପ୍ରଧାନ କହିଛନ୍ତି । ଏହି ବିଦ୍ୟାଳୟ ପରିସରରେ ସରକାରଙ୍କ ଗ୍ରାମ ମଙ୍ଗଳ ବିଭାଗ ଏକ ଛାତ୍ରାବାସ ରହିଛି । ସେଠାରେ ଅନ୍ତେବାସୀ ଭାବେ ୪୦ ଜଣ ଅନୁସୂଚିତ ଜାତି, ଜନଜାତି ବର୍ଗର ଛାତ୍ର ରହି ପାଠ ପଢୁଛନ୍ତି । ଛାତ୍ରମାନଙ୍କ ସୁରକ୍ଷା ଦୃଷ୍ଟିରୁ ପାଚେରି ନିର୍ମାଣ ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି । ଏଥିପ୍ରତି ଜିଲାପାଳ ଦୃଷ୍ଟି ଦେଇ ପଦକ୍ଷେପ ନେବା ପାଇଁ ପୂର୍ବତନ ସରପଞ୍ଚ ସତ୍ୟ ନାରାୟଣ ପ୍ରଟୀକା, ଦୟାନିଧି ପାତ୍ର, ଡାଙ୍ଗସୋରଡା ସରପଞ୍ଚ ଧାନୁମାଝି କୁମୁରୁକା, ପୂର୍ବତନ ଶିକ୍ଷା କମିଟି ସଭାପତି ବିଜୟ ଉଲ୍ଲାକା, ବ୍ଲକ ଅଧକ୍ଷା ସଙ୍ଗୀତା ପ୍ରଟିଙ୍ଗା ପ୍ରମୁଖ ଦାବି କରିଛନ୍ତି ।

Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ– ତଥାଗତ ଶତପଥୀ